**Online News Links:**

| | |
|---|---|
| Publication | **Zee News Odisha** |
| Date | 02.03.2021 |
| Headlines | ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରିଲିଜ ହେଲା ନ୍ୟୁଜ ଲେଟର |
| Link | https://fb.watch/40-Fj2FA9c/   |

| | |
|---|---|
| Publication | **Awaj Media** |
| Date | 01.03.2021 |
| Headlines | The temple of Lord Sri Jagannath will be built in London |
| Link | https://www.youtube.com/watch?v=5CV5oJYzxAs |

| | |
|---|---|
| Publication | **SatyaSandhana** |
| Date | 01.03.2021 |
| Link | [https://www.satyasandhana.in/londan-jagarnathmandir-prakalpar-newsletteer-udghatan-kale-bachaspti/](https://www.satyasandhana.in/londan-jagarnathmandir-prakalpar-newsletteer-udghatan-kale-bachaspti/) |
| Headline | ଲଣ୍ଡନ ଜଗନ୍ନାଥ ମନ୍ଦିର ପ୍ରକଳ୍ପର ନିଉଜଲେଟର ଉଦଘାଟନ କଲେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର |

| | |
|---|---|
| Publication | Archana to confirm |
| Date | 02.03.2021 |
| Edition | Bhubaneswar/London |

# ଲଣ୍ଡନର ଶ୍ରୀଜଗନ୍ନାଥ ସୋସାଇଟି ବାର୍ତ୍ତା ପତ୍ର ବାଚସ୍ପତିଙ୍କ ଦ୍ୱାରା ଉନ୍ମୋଚିତ

## ଲଣ୍ଡନରେ ନିର୍ମାଣ ହେବ ଜଗନ୍ନାଥ ମନ୍ଦିର



ଲଣ୍ଡନ/ଭୁବନେଶ୍ୱର, ୦୨ ମାର୍ଚ୍ଚ – ବିଶ୍ୱରେ ଶ୍ରୀ ଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନ ବ୍ୟାପକ ଭାବରେ ପ୍ରସାରିତ ହେବାରେ ଲାଗିଛି । ଯୁକ୍ତରାଜ୍ୟ (ଲଣ୍ଡନ) ତଥା ୟୁରୋପ ମହାଦେଶର ସର୍ବପ୍ରଥମ ଶ୍ରୀ ଜଗନ୍ନାଥ ମନ୍ଦିର ଲଣ୍ଡନ ଠାରେ ପ୍ରତିଷ୍ଠା ହେବାକୁ ଯାଉଛି ଏବଂ ବିଶ୍ୱର ଜଗନ୍ନାଥ ଭକ୍ତ ସମାଜର ସହଯୋଗରେ ହିଁ ସମ୍ଭବ ହେବ ବୋଲି ଶ୍ରୀ ଜଗନ୍ନାଥ ସୋସାଇଟି ଲଣ୍ଡନର ବାର୍ତ୍ତା ପତ୍ର ଉନ୍ମୋଚନ କରି ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି । ଲଣ୍ଡନ ଠାରେ ୩୦ ଏକର ପରିମିତ ସ୍ଥାନରେ ନିର୍ମାଣ ହେବାକୁ ଥିବା ଏହି ଜଗନ୍ନାଥ ମନ୍ଦିର ଲଣ୍ଡନ ତଥା ୟୁରୋପର ଶ୍ରୀ ଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନର ଏକ ପ୍ରାଣ କେନ୍ଦ୍ର ହୋଇପାରିବ ବୋଲି ଡ଼ଃ. ପାତ୍ର କହିଥିଲେ । ୱେବ ମାଧ୍ୟମରେ ଶ୍ରୀ ଜଗନ୍ନାଥ ସୋସାଇଟି, ଲଣ୍ଡନର ପ୍ରଥମ ବାର୍ତ୍ତା ପତ୍ର ଉନ୍ମୋଚନ ଅବସରରେ ବିଶ୍ୱବ୍ୟାପୀ ସମ୍ମିଳିତ ଜଗନ୍ନାଥ ପ୍ରେମୀ ଓ ଲଣ୍ଡନ ଅଧିବାସୀ ମାନଙ୍କୁ ଉଦବୋଧିତ କରି ଡ଼ଃ. ପାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ଜଗନ୍ନାଥ ସୋସାଇଟି, ଲଣ୍ଡନର ଅଧ୍ୟକ୍ଷ ଡ଼ା. ସହଦେବ ସ୍ୱାଇଁ ଲଣ୍ଡନରେ ପ୍ରତିଷ୍ଠା ହେବାକୁଥିବା ଏହି ଭବ୍ୟ ମନ୍ଦିର ୟୁରୋପରେ ଆଧ୍ୟାତ୍ମିକ, ସାମାଜିକ ଏବଂ ଶୈକ୍ଷିକ ପ୍ରାଣ କେନ୍ଦ୍ର ଭାବରେ ପରିଚିତ ହେବ ବୋଲି କହିଥିଲେ । ଓଡ଼ିଶା ସରକାରଙ୍କ ବନ ବିଭାଗ ସହାୟତାରେ ଓଡ଼ିଶାରୁ ଠାବ ହୋଇଥିବା ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସମସ୍ତ ଦିବ୍ୟ-ଆଧ୍ୟାତ୍ମିକ ଲକ୍ଷଣ ଯୁକ୍ତ ନିମଦାରୁ ଗତ ୨୧ ଫେବ୍ରୁୟାରୀରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ସଂଗ୍ରହ କରାଯାଇଛି । ବର୍ତ୍ତମାନ ଏହି ଦାରୁବ୍ରହ୍ମ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ ହେଉଛନ୍ତି । ଏହି ଭବ୍ୟ ମନ୍ଦିରର ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଡ଼ା. ସ୍ୱାଇଁ ସୂଚନା ଦେଇଛନ୍ତି । ୪ ମିଲିଅନ୍ ପାଉଣ୍ଡ ବ୍ୟୟ ଅଟକଳରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ଡ଼ା. ସ୍ୱାଇଁ କହିଥିଲେ ଯେ, ଉତ୍ସର୍ଗୀକୃତ ଓ ସେବା ମୂଳକ ଉଦ୍ୟମ ଏବଂ ଈଶ୍ୱର ବିଶ୍ୱାସ ଆଧାରିତ କାର୍ଯ୍ୟ ପାଇଁ କୌଣସି ଲକ୍ଷ୍ୟ ଅପହଂଚ ନୁହେଁ । କାର୍ଯ୍ୟକ୍ରମ ଶେଷରେ କଣ୍ଠଶିଳ୍ପୀ ତପୁ ମିଶ୍ର, ମୌସୁମୀ ମିଶ୍ର, ସୁଚିସ୍ମିତା ପାଣିଗ୍ରାହୀ ସୁମଧୁର ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଅର୍ଚ୍ଚନା ପ୍ରଧାନ ମାନସିଂହ ସୁଚାରୁ ପରିଚାଳନା କରିଥିବା ବେଳେ ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ଜଗନ୍ନାଥ ସୋସାଇଟି, ୟୁନାଇଟେଡ୍ କିଙ୍ଗଡମ୍ ଇଂଲଣ୍ଡ ଚ୍ୟାରିଟି କମିଶନଙ୍କ ଦ୍ୱାରା ଦାତବ୍ୟ ସଙ୍ଗଠନ ଭାବରେ ପଞ୍ଜୀକୃତ । ଏହି ଅନୁଷ୍ଠାନକୁ ପ୍ରଦତ୍ତ ସମସ୍ତ ଦାନ, ଅନୁଦାନ କରମୁକ୍ତ । ଅଧିକ ସୂଚନା ପାଇଁ [illegible] ରେ ସମ୍ପର୍କ କରାଯାଇପାରିବ ।

| | |
|---|---|
| Publication | Samaj |
| Date | 02.03.2021 |
| Edition | Bhubaneswar |

# ଲଣ୍ଡନରେ ପ୍ରତିଷ୍ଠା ହେବ ଜଗନ୍ନାଥ ମନ୍ଦିର

## ରାଜ୍ୟ ସରକାର ସହାୟତା ଯୋଗାଇ ଦେବେ: ବାଚସ୍ପତି

ଭୁବନେଶ୍ୱର,୨।୩(ସ.ପ୍ର): ଲଣ୍ଡନରେ ପ୍ରତିଷ୍ଠା ହେବାକୁ ଥିବା ଜଗନ୍ନାଥ ମନ୍ଦିର ବିଶ୍ୱର ଶ୍ରୀଜଗନ୍ନାଥଙ୍କ ଭକ୍ତ ସମାଜର ସହଯୋଗରେ ସମ୍ଭବ ହେବ। ଏଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଲଣ୍ଡନ ଶ୍ରୀଜଗନ୍ନାଥ ସୋସାଇଟି ପକ୍ଷରୁ ପ୍ରକାଶିତ ଲଣ୍ଡନ ଜଗନ୍ନାଥ ମନ୍ଦିର ପ୍ରକଳ୍ପର ବାର୍ତ୍ତାପତ୍ର ଉନ୍ମୋଚନ ଅବସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଏହା ହେବ ୟୁରୋପ ମହାଦେଶର ପ୍ରଥମ ଜଗନ୍ନାଥ ମନ୍ଦିର। ଲଣ୍ଡନ ଠାରେ ୩୦ ଏକର ପରିମିତ ସ୍ଥାନରେ ନିର୍ମିତ ହେବାକୁ ଥିବା ଜଗନ୍ନାଥ ମନ୍ଦିର ୟୁରୋପରେ ଶ୍ରୀଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନର ପ୍ରାଣକେନ୍ଦ୍ର ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ୱେବ ମାଧ୍ୟମରେ ଏହି ବାର୍ତ୍ତାପତ୍ର ଉନ୍ମୋଚନ କରି ବିଶ୍ୱବ୍ୟାପୀ ଜଗନ୍ନାଥ ପ୍ରେମୀ ଓ ଲଣ୍ଡନ ଅଧିବାସୀଙ୍କୁ ରାଜ୍ୟ ସରକାରଙ୍କ ସହାୟତା ନେଇ ସେ ପ୍ରତିଶ୍ରୁତି ଦେଇଥିବା ବେଳେ ଯୁକ୍ତରାଜ୍ୟ ଆୟାରଲ୍ୟାଣ୍ଡ, ପୂର୍ବ ପ୍ରାଚ୍ୟ ତଥା ଭାରତର ଅନେକ ଅଂଶରୁ ଯୋଗଦେଇଥିବା ଭକ୍ତମାନେ ହରିବୋଲ କରତାଳି ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ବିଶ୍ୱବ୍ୟାପୀ ଅବସ୍ଥାନ କରୁଥିବା ଓଡ଼ିଆମାନେ ଗୋଟିଏ ପରିବାରର। ଏକତା ଓ ସହଯୋଗ ବଳରେ ସେମାନେ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସୋସାଇଟିର ଅଧ୍ୟକ୍ଷ ସହଦେବ ସ୍ୱାଇଁ କହିଥିଲେ, ପ୍ରତିଷ୍ଠା ହେବାକୁ ଥିବା ଜଗନ୍ନାଥ ମନ୍ଦିର ୟୁରୋପରେ ଆଧ୍ୟାତ୍ମିକ, ସାମାଜିକ ଓ ଶୈକ୍ଷିକ ପ୍ରାଣକେନ୍ଦ୍ର ଭାବେ ପରିଚିତ ହେବ। ଓଡ଼ିଶା ସରକାରଙ୍କ ବନ ବିଭାଗ ସହଯୋଗରେ ସମସ୍ତ ଦିବ୍ୟ ଆଧ୍ୟାତ୍ମିକ ଲକ୍ଷଣ ଯୁକ୍ତ ତିନି ଠାକୁରଙ୍କ ଦାରୁ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରି ଗତ ୨୧ ତାରିଖରେ ସଂଗ୍ରହ କରାଯାଇଛି। ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିର୍ମାଣ କରାଯାଉଛି। ମନ୍ଦିରର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୨୪ରେ ସମ୍ପୂର୍ଣ୍ଣ ହେବ। ଚାରି ମିଲିୟନ ପାଉଣ୍ଡ ବ୍ୟୟ ଅଟକଳରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ କରାଯିବ। ଏହି ଜଗନ୍ନାଥ ମନ୍ଦିର ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସମ୍ପାଦକ ପ୍ରକାଶ ଦେ କହିଛନ୍ତି। ବ୍ରିଟେନ ତଥା ବିଶ୍ୱରେ ଥିବା ଭକ୍ତମାନଙ୍କ ଦାନ ଅର୍ଥରେ ମନ୍ଦିର ନିର୍ମାଣ କରାଯିବ। ବାର୍ତ୍ତାପତ୍ର ୱେବସାଇଟ ଓ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ହେବ।

ବୋଲି ଏହାର ସମ୍ପାଦକ ଚେତନ ଶତପଥୀ କହିଛନ୍ତି। ସହ ସମ୍ପାଦକ ଉମାକାନ୍ତ ରାଉତ, ପରିଚାଳନା ସମ୍ପାଦିକା ଗୀନା ମେହେର ,ଟ୍ରଷ୍ଟି ରଶ୍ମିକାନ୍ତ ନନ୍ଦ, ଭକ୍ତ ପଣ୍ଡା, ସୁକାନ୍ତ ସାହୁ ଏବଂ ମଳୟ ନାୟକ, ଅଦୈତ ସିଂହ, ଶରଦ ଝା, ସୁଶାନ୍ତ ପଟ୍ଟନାୟକ, ଶତାବ୍ଦୀ ଦାଶ ସୋସାଇଟି ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ ତପୁ ମିଶ୍ର, ମୌସୁମି ମିଶ୍ର ଓ ସୁଚିନ୍ତିତା ପାଣିଗ୍ରାହୀ। ଅର୍ଚ୍ଚନା ପ୍ରଧାନ ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

| | |
|---|---|
| Publication | Dharitri |
| Date | 02.03.2021 |
| Edition | Bhubaneswar |

# ଜଗନ୍ନାଥ ସୋସାଇଟି, ଲଣ୍ଡନ ବାର୍ତ୍ତାପତ୍ର ବାଚସ୍ପତିଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ବିଶ୍ୱରେ ଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନ ବ୍ୟାପକ ଭାବେ ପ୍ରସାରିତ ହେବାରେ ଲାଗିଛି। ଯୁକ୍ତରାଜ୍ୟ (ଲଣ୍ଡନ) ତଥା ୟୁରୋପ ମହାଦେଶର ସର୍ବପ୍ରଥମ ଜଗନ୍ନାଥ ମନ୍ଦିର ଲଣ୍ଡନଠାରେ ପ୍ରତିଷ୍ଠା ହେବାକୁ ଯାଉଛି। ବିଶ୍ୱର ଜଗନ୍ନାଥ ଭକ୍ତ ସମାଜର ସହଯୋଗରେ ହିଁ ସମ୍ଭବ ହେବ ବୋଲି ଜଗନ୍ନାଥ ସୋସାଇଟି ଲଣ୍ଡନର ବାର୍ତ୍ତାପତ୍ର ଉନ୍ମୋଚନକରି ମଙ୍ଗଳବାର ବାଚସ୍ପତିସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଲଣ୍ଡନଠାରେ ୩୦ ଏକର ପରିମିତ ସ୍ଥାନରେ ନିର୍ମାଣ ହେବାକୁ ଥିବା ଏହି ଜଗନ୍ନାଥ ମନ୍ଦିର ଲଣ୍ଡନ ତଥା ୟୁରୋପର ଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନର ଏକ ପ୍ରାଣକେନ୍ଦ୍ର ହୋଇପାରିବ। ୱେବ୍ ମାଧ୍ୟମରେ ଜଗନ୍ନାଥ ସୋସାଇଟି, ଲଣ୍ଡନର ପ୍ରଥମ ବାର୍ତ୍ତାପତ୍ର ଉନ୍ମୋଚନ ଅବସରରେ ବିଶ୍ୱବ୍ୟାପୀ ସମ୍ମିଳିତ ଜଗନ୍ନାଥପ୍ରେମୀ ଓ ଲଣ୍ଡନ ଅଧିବାସୀମାନଙ୍କୁ ଉଦ୍‌ବୋଧିତ କରି ପାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯୁକ୍ତରାଜ୍ୟ ଆୟାର୍ଲାଣ୍ଡ, ପୂର୍ବପ୍ରାଚ୍ୟ ତଥା ଭାରତର ଅନେକ ଅଂଶରୁ ଯୋଗଦେଇ ଭକ୍ତଗଣଙ୍କ 'ହରିବୋଲ' 'କରତାଳି' ଧ୍ୱନି ସହିତ ଏହି ପ୍ରଥମ ବାର୍ତ୍ତାପତ୍ର ଉନ୍ମୋଚିତ ହୋଇଛି। ଓଡ଼ିଶା ସରକାରଙ୍କ ବନ ବିଭାଗ ସହାୟତାରେ ଠାବ ହୋଇଥିବା ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସମସ୍ତ ଦିବ୍ୟ-ଆଧ୍ୟାତ୍ମିକ ଲକ୍ଷଣ ଯୁକ୍ତ ନିମଦାରୁ ଗତ ୨୧ ଫେବୃୟାରୀରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ସଂଗ୍ରହ କରାଯାଇଛି। ବର୍ତ୍ତମାନ ଏହି ଦାରୁବ୍ରହ୍ମ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ହେଉଛନ୍ତି। ଏହି ଭବ୍ୟମନ୍ଦିରର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଛନ୍ତି।

| | |
|---|---|
| Publication | **Sambada Odisha** |
| Date | 02.03.2021 |
| Edition | Not Known |

| | |
|---|---|
| Link | https://sambad.in/india-and-beyond/making-of-jagannath-temple-632821/ |
| Headline | Jagannath temple to come up in UK |

# ଲଣ୍ଡନ ଜଗନ୍ନାଥ ମନ୍ଦିର ପ୍ରକଳ୍ପର ନିଉଜଲେଟର ଉଦଘାଟନ କଲେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର

By **Sambad** Last updated **Feb 28, 2021**




ଭୁବନେଶ୍ବର: ପୁରୀ ଜଗନ୍ନାଥ ମନ୍ଦିର ସାରା ବିଶ୍ବରେ ପ୍ରସିଦ୍ଧି ଲାଭ କରିଛି। ବିଶ୍ବର ପ୍ରତି କୋଣ ଅନୁକୋଣରୁ ପ୍ରଭୁ ଜଗନ୍ନାଥଙ୍କ ଗୋଟେ ଝଲକ ଦେଖିବା ପାଇଁ ଲୋକେ ପୁରୀକୁ ଆସିଥାନ୍ତି। ହେଲେ ଦେଶ ବାହାରେ ଏମିତି ଅନେକ ଓଡ଼ିଆ ଭାଇ-ଭଉଣୀମାନେ ଅଛନ୍ତି, ଯେଉଁମାନ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ରହୁଛନ୍ତି। ଏ ନେଇ ଲଣ୍ଡନରେ ରହୁଥିବା ଓଡ଼ିଆ ଭାଇ-ଭଉଣୀମାନଙ୍କ ପାଇଁ ସେଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଯୋଜନା କରାଯାଉଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ଦ୍ରୁତ ଗତିରେ ସମଗ୍ର ବିଶ୍□ରେ ବ୍ୟାପୁଥିବା ବେଳେ ଲଣ୍ଡନରେ ଖୁବ୍ ଶୀଘ୍ର ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ। ବ୍ରିଟେନ ଏବଂ ୟୁରୋପରେ ଏହା ପ୍ରଥମ ହୋଇଥିବା ବେଳେ ବ୍ରିଟେନ ତଥା ବିଶ୍□ରେ ଥିବା ଜଗନ୍ନାଥ ଭକ୍ତମାନେ କରିଥିବା ଦାନ ଦ୍□ାରା ମନ୍ଦିରର ନିର୍ମାଣ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ଏନେଇ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଘୋଷଣା କରିଛନ୍ତି। ଗତକାଲି ମାଘପୂର୍ଣ୍ଣିମାର ଶୁଭ ଅବସରରେ ଏହି ଘୋଷଣା କରାଯିବା ସହ

ଲଣ୍ଡନରେ ପ୍ରଭୁ ଜଗନ୍ନାଥ ମନ୍ଦିର ନିର୍ମାଣ ନେଇ ୩୦ ଏକର ଜମି ଅଧିଗ୍ରହଣ ପାଇଁ ଚେଷ୍ଟା ଚାଲିଥିବା ଜଣାପଡ଼ିଛି।

ଭିଡିଓ କନଫରେନ୍ସିଂ ଜରିଆରେ ବ୍ରିଟେନର ଶ୍ରୀ ଜଗନ୍ନାଥ ସୋସାଇଟି(ଏସଜେଏସ ୟୁକେ)ର ଇ-ନିଉଜଲେଟରର ଉଦଘାଟନ କରିବା ସହ ଲଣ୍ଡନରେ ନିର୍ମାଣ ହେବାକୁ ଥିବା ଜଗନ୍ନାଥ ମନ୍ଦିର ପାଇଁ ଓଡିଶା ସରକାର ସମସ୍ତ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର । ଏହା ପରେ ଏସଜେଏସ ୟୁକେର ଚେୟାରମ୍ୟାନ୍ ଡକ୍ଟର  ସହଦେବ ସ୍□ାଇଁ ପ୍ରଥମେ ଏସଜେଏସ ୟୁକେ ନ୍ୟୁଜଲେଟର ଉଦ୍ଘାଟନ ପାଇଁ ଅଭିନନ୍ଦନ ଜଣାଇବା ସହ ବ୍ରିଟେନର ଲଣ୍ଡନରେ ହେବାକୁ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଭକ୍ତ ତଥା ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ହେବ ବୋଲି କହିଥିଲେ।




ଡକ୍ଟର ସ୍□ାଇଁ ଆହୁରି ମଧ୍ୟ କହିଥିଲେ ଯେ, ଭଗବାନ ଜଗନ୍ନାଥଙ୍କ ସହ ଜଡିତ ସମସ୍ତ ଶାସ୍ତ୍ରୀୟ ପବିତ୍ର ଚିହ୍ନ ଧାରଣ କରିଥିବା ଏକ ପବିତ୍ର ଲିମ୍ବ ଗଛକୁ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପବିତ୍ର ପ୍ରତିମା ପାଇଁ ଏସଜେଏସ ୟୁକେକୁ ଦାନ କରାଯାଇଛି। ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରର ଦଇତାପତିଙ୍କ ପରାମର୍ଶରେ ସମସ୍ତ ନିର୍ଦ୍ଦିଷ୍ଟ ଧାର୍ମିକ ରୀତିନୀତି ପାଳନ କରିବା ପରେ ଫେବ୍ରୁଆରି ୨୧,୨୦୨୧ର ଶୁଭ ଦିନରେ ଗଛଟିକୁ କଟାଯାଇ ତିନି ଠାକୁରଙ୍କ ପ୍ରତିମା ନିର୍ମାଣ ପାଇଁ ପଠାଯାଇଛି।  ତିନି ଠାକୁରଙ୍କ ପ୍ରତିମା ନିର୍ମାଣ କାମ ପ୍ରସିଦ୍ଧ ସ୍ଥପତି ତଥା ଶିଳ୍ପୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ କର୍ମଶାଳାରେ କରାଯିବ। ଏବଂ ସଠିକ ସମୟରେ ଏହାକୁ ଲଣ୍ଡର

ଜଗନ୍ନାଥ ମନ୍ଦିରରେ ସ୍ଥାପନ କରାଯିବ। ୨୦୨୪ସୁଦ୍ଧା ମନ୍ଦିରର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି।

ଏସଜେଏସ ୟୁକେର ସଚିବ ଡକ୍ଟର ପ୍ରକାଶ ଦେ ମନ୍ଦିର ପ୍ରକଳ୍ପର ଯାତ୍ରା, ପ୍ରଗତି ଏବଂ ଭବିଷ୍ୟତର ରୋଡମ୍ୟାପ ବିଷୟରେ ଏକ ଅଦ୍ୟତନ ପ୍ରଦାନ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଅନୁଗ୍ରହରେ ଲଣ୍ଡନ ଉପକଣ୍ଠରେ ଚିହ୍ନଟ ହୋଇଥିବା ୩୦ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଖୁବ୍ ଶୀଘ୍ର ସ୍ଥାନୀୟ ସରକାରୀ କର୍ତ୍ତୃପକ୍ଷଙ୍କ ସହ ଆନୁଷ୍ଠାନିକ ପରାମର୍ଶ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏକ ବୃହତ ଇକୋ-ଫ୍ରେଣ୍ଡଲି ମାନ୍ଦିର କମ୍ପ୍ଲେକ୍ସ ନିର୍ମାଣ ପାଇଁ ସ୍ଥପତିଙ୍କ ସହ ଏହି ଟିମ୍ ଆଲୋଚନା କରୁଛି, ଯାହା ପୁରୀ ଜଗନ୍ନାଥ ମନ୍ଦିରର ପ୍ରୋଟୋଟାଇପ୍ ଉପରେ ଆଧାରିତ ହେବ।

ଏସଜେଏସ ୟୁକେର ଟ୍ରଷ୍ଟି ରଶ୍ମୀ କାନ୍ତ ନନ୍ଦ ଏହି ପ୍ରକଳ୍ପକୁ ସମର୍ଥନ କରି ବିଭିନ୍ନ □ାର୍କଷ୍ଟ୍ରିମ୍ ଗଠନ ବିଷୟରେ ଏକ ସୂଚନା ପ୍ରଦାନ କରିଥିଲେ ଏବଂ ୨୦୨୧ପାଇଁ ଅତ୍ୟନ୍ତ ଗୁରୁତ୍□ପୂର୍ଣ୍ଣ ଲକ୍ଷ୍ୟ 'ଜିଇଏଆର' (ସଦସ୍ୟ ବୃଦ୍ଧି, ଦଳ ସମ୍ପ୍ରସାରଣ, ଜମି ଅଧିଗ୍ରହଣ ଏବଂ ପାଣ୍ଠି ସଂଗ୍ରହ) ପାଇଁ ସୋସାଇଟିର ପ୍ରାଥମିକତା ଉପରେ ଗୁରୁତ୍□ାରୋପ କରିଥିଲେ। ଏସଜେଏସ ୟୁକେର ଟ୍ରଷ୍ଟି ଅର୍ଚ୍ଚନା ମାନସିଂହ ଓ ବିଜୟ ସାହୁ କାର୍ଯ୍ୟକ୍ରମର ଆୟୋଜନ କରିଥିବା ବେଳେ ଟ୍ରଷ୍ଟି ଡକ୍ଟର ମଳୟ ନାୟକ, ଭକ୍ତ ପଣ୍ଡା, ଡକ୍ଟର ଆଦିତ୍ୟ ସିଂହ, ସୁକାନ୍ତ ସାହୁ, ନିଉଜଲେଟରର ସମ୍ପାଦକ ଉମାକାନ୍ତ ରାଉତ ଏବଂ ରୀନା ମେହେର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହା ସହ ମହିଳା ସ୍ବେଚ୍ଛାସେବୀମାନଙ୍କୁ ନେଇ ଗଠିତ ଶ୍ରୀ ସୁଭଦ୍ରା ସୋସାଇଟି ପକ୍ଷରୁ ଶ୍ରୀମତୀ ଶତାବ୍ଦୀ ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏସଜେଏସ ୟୁକେ ସହ ହାତ ମିଳାଇ ଏହି ସୋସାଇଟି ରଖିଥିବା ଲକ୍ଷ୍ୟକୁ ପୂରଣ କରିବାରେ ସାହାଯ୍ୟ କରିବାକୁ ଭକ୍ତମାନଙ୍କୁ କହିଥିଲେ ଶ୍ରୀମତୀ ଶତାବ୍ଦୀ ଦାସ ।

| | |
|---|---|
| Publication | **Indian express:** |
| Date | 02.03.2021 |
| Edition | Not Known |

| | |
|---|---|
| Link | https://www.newindianexpress.com/states/odisha/2021/mar/02/jagannath-temple-to-come-up-in-uk-2271006.html |
| Headline | Jagannath temple to come up in UK |

# Jagannath temple to come up in UK

Chairperson of SJS Dr Sahadev Swain said the temple will be a major attraction for devotees and tourists from across the globe.

Published:02nd March 2021 09:03AM | Last Updated:02nd March 2021 09:03 AM



Odisha Assembly speaker Surjya Narayan Patro (File Photo | Shamim, EPS)

**By Express News Service**

BHUBANESWAR: Assembly Speaker Surjya Narayan Patro promised assistance to Shree Jagannatha Society (SJS), UK for the proposed Jagannath temple coming up on the outskirts of London.Addressing members of the society at a virtual event organised to release the first newsletter of SJS, Patro said Jagannath culture is rapidly spreading across the world and once built the temple must be a testament of the universality appeal of the Lord. The first-of-its-kind

temple in the UK and Europe will be constructed through donations from devotees worldwide on a 30-acre patch of land.

Chairperson of SJS Dr Sahadev Swain said the temple will be a major attraction for devotees and tourists from across the globe. The process of land acquisition on the outskirts of London has begun, he said.

The society has received a holy Neem tree bearing all the scriptural sacred markings associated with Lord Jagannath for carving the idols of the Trinity. A team of professionals of SJS is determined to complete the first phase of temple construction at an estimated cost of 4 million pounds by 2024.

| | |
|---|---|
| Publication | **AEIODISHA** |
| Date | 28.02.2021 |
| Edition | Not Known |
| Link | https://www.aeiodisha.com/24009/ |
| Headline | ଲଣ୍ଡନ ଜଗନ୍ନାଥ ମନ୍ଦିର ପ୍ରକଳ୍ପର ନିଉଜଲେଟର ଉଦଘାଟନ କଲେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର |




# ଲଣ୍ଡନ ଜଗନ୍ନାଥ ମନ୍ଦିର ପ୍ରକଳ୍ପର ନିଉଜଲେଟର ଉଦଘାଟନ କଲେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର

Posted on **February 28, 2021** by **Aei Odisha**

189 **0**

ଭୁବନେଶ୍ୱର: ପୁରୀ ଜଗନ୍ନାଥ ମନ୍ଦିର ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ବିଶ୍ୱର ପ୍ରତି କୋଣ ଅନୁକୋଣରୁ ପ୍ରଭୁ ଜଗନ୍ନାଥଙ୍କ ଗୋଟେ ଝଲକ ଦେଖିବା ପାଇଁ ଲୋକେ ପୁରୀକୁ ଆସିଥାନ୍ତି। ହେଲେ ଦେଶ ବାହାରେ ଏମିତି ଅନେକ ଓଡ଼ିଆ ଭାଇ-ଭଉଣୀମାନେ ଅଛନ୍ତି, ଯେଉଁମାନ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନରୁ ବଞ୍ଚିତ ରହୁଛନ୍ତି। ଏ ନେଇ ଲଣ୍ଡନରେ ରହୁଥିବା ଓଡ଼ିଆ ଭାଇ-ଭଉଣୀମାନଙ୍କ ପାଇଁ ସେଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଯୋଜନା କରାଯାଉଛି।



ଶ୍ରୀ ଜଗନ୍ନାଥ ସଂସ୍କୃତି ଦ୍ରୁତ ଗତିରେ ସମଗ୍ର ବିଶ୍□ରେ ବ୍ୟାପୁଥିବା ବେଳେ ଲଣ୍ଡନରେ ଖୁବ୍ ଶୀଘ୍ର ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ। ବ୍ରିଟେନ ଏବଂ ୟୁରୋପରେ ଏହା ପ୍ରଥମ ହୋଇଥିବା ବେଳେ ବ୍ରିଟେନ ତଥା ବିଶ୍□ରେ ଥିବା ଜଗନ୍ନାଥ ଭକ୍ତମାନେ କରିଥିବା ଦାନ ଦ୍□ାରା ମନ୍ଦିରର ନିର୍ମାଣ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ଏନେଇ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଘୋଷଣା କରିଛନ୍ତି। ଗତକାଲି ମାଘପୂର୍ଣ୍ଣିମାର ଶୁଭ ଅବସରରେ ଏହି ଘୋଷଣା କରାଯିବା ସହ ଲଣ୍ଡନରେ ପ୍ରଭୁ ଜଗନ୍ନାଥ ମନ୍ଦିର ନିର୍ମାଣ ନେଇ ୩୦ ଏକର ଜମି ଅଧିଗ୍ରହଣ ପାଇଁ ଚେଷ୍ଟା ଚାଲିଥିବା ଜଣାପଡ଼ିଛି।



ଭଗବାନ ଜଗନ୍ନାଥଙ୍କ ସହ ଜଡିତ ସମସ୍ତ ଶାସ୍ତ୍ରୀୟ ପବିତ୍ର ଚିହ୍ନ ଧାରଣ କରିଥିବା ଏକ ପବିତ୍ର ଲିମ୍ବ ଗଛକୁ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପବିତ୍ର ପ୍ରତିମା ପାଇଁ ଏସଜେଏସ ୟୁକେକୁ ଦାନ କରାଯାଇଛି। ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିରର ଦଇତାପତିଙ୍କ ପରାମର୍ଶରେ ସମସ୍ତ ନିର୍ଦ୍ଦିଷ୍ଟ ଧାର୍ମିକ ରୀତିନୀତି ପାଳନ କରିବା ପରେ ଫେବ୍ରୁଆରି ୨୧,୨୦୨୧ର ଶୁଭ ଦିନରେ ଗଛଟିକୁ କଟାଯାଇ ତିନି ଠାକୁରଙ୍କ ପ୍ରତିମା ନିର୍ମାଣ ପାଇଁ ପଠାଯାଇଛି।  ତିନି ଠାକୁରଙ୍କ ପ୍ରତିମା ନିର୍ମାଣ କାମ ପ୍ରସିଦ୍ଧ ସ୍ଥପତି ତଥା ଶିଳ୍ପୀ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ କର୍ମଶାଳାରେ କରାଯିବ। ଏବଂ ସଠିକ ସମୟରେ ଏହାକୁ ଲଣ୍ଡର ଜଗନ୍ନାଥ ମନ୍ଦିରରେ ସ୍ଥାପନ କରାଯିବ। ୨୦୨୪ସୁଦ୍ଧା ମନ୍ଦିରର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି।



ଏସଜେଏସ ୟୁକେର ସଚିବ ଡକ୍ଟର ପ୍ରକାଶ ଦେ ମନ୍ଦିର ପ୍ରକଳ୍ପର ଯାତ୍ରା, ପ୍ରଗତି ଏବଂ ଭବିଷ୍ୟତର ରୋଡମ୍ୟାପ ବିଷୟରେ ଏକ ଅଦ୍ୟତନ ପ୍ରଦାନ କରିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଅନୁଗ୍ରହରେ ଲଣ୍ଡନ ଉପକଣ୍ଠରେ ଚିହ୍ନଟ ହୋଇଥିବା ୩୦ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଖୁବ୍ ଶୀଘ୍ର ସ୍ଥାନୀୟ ସରକାରୀ କର୍ତ୍ତୃପକ୍ଷଙ୍କ ସହ ଆନୁଷ୍ଠାନିକ ପରାମର୍ଶ ଆରମ୍ଭ ହେବାର କାର୍ୟ୍ୟକ୍ରମ ରହିଛି। ଏକ ବୃହତ ଇକୋ-ଫ୍ରେଣ୍ଡଲି ମାନ୍ଦିର କମ୍ପ୍ଲେକ୍ସ ନିର୍ମାଣ ପାଇଁ ସ୍ଥପତିଙ୍କ ସହ ଏହି ଟିମ୍ ଆଲୋଚନା କରୁଛି, ଯାହା ପୁରୀ ଜଗନ୍ନାଥ ମନ୍ଦିରର ପ୍ରୋଟୋଟାଇପ୍ ଉପରେ ଆଧାରିତ ହେବ।




ଏସଜେଏସ ୟୁକେର ଟ୍ରଷ୍ଟି ରଶ୍ମୀ କାନ୍ତ ନନ୍ଦ ଏହି ପ୍ରକଳ୍ପକୁ ସମର୍ଥନ କରି ବିଭିନ୍ନ ◌ାର୍କଷ୍ଟ୍ରିମ୍ ଗଠନ ବିଷୟରେ ଏକ ସୂଚନା ପ୍ରଦାନ କରିଥିଲେ ଏବଂ ୨୦୨୧ପାଇଁ ଅତ୍ୟନ୍ତ ଗୁରୁତ୍□ପୂର୍ଣ୍ଣ ଲକ୍ଷ୍ୟ 'ଜିଇଏଆର' (ସଦସ୍ୟ ବୃଦ୍ଧି, ଦଳ ସମ୍ପ୍ରସାରଣ, ଜମି ଅଧିଗ୍ରହଣ ଏବଂ ପାଣ୍ଠି ସଂଗ୍ରହ) ପାଇଁ ସୋସାଇଟିର ପ୍ରାଥମିକତା ଉପରେ ଗୁରୁତ୍□ାରୋପ କରିଥିଲେ। ଏସଜେଏସ ୟୁକେର ଟ୍ରଷ୍ଟି ଅର୍ଚ୍ଚନା ମାନସିଂହ ଓ ବିଜୟ ସାହୁ କାର୍ୟ୍ୟକ୍ରମର ଆୟୋଜନ କରିଥିବା ବେଳେ ଟ୍ରଷ୍ଟି ଡକ୍ଟର ମଳୟ ନାୟକ, ଭକ୍ତ ପଣ୍ଡା, ଡକ୍ଟର ଆଦିତ୍ୟ ସିଂହ, ସୁକାନ୍ତ ସାହୁ, ନିଉଜଲେଟରର ସମ୍ପାଦକ ଉମାକାନ୍ତ ରାଉତ ଏବଂ ରୀନା ମେହେର କାର୍ୟ୍ୟକ୍ରମରେ ଉପସ୍ଥିତ ଥିଲେ। ଏହା ସହ ମହିଳା ସ୍ବେଚ୍ଛାସେବୀମାନଙ୍କୁ ନେଇ ଗଠିତ ଶ୍ରୀ ସୁଭଦ୍ରା ସୋସାଇଟି ପକ୍ଷରୁ ଶ୍ରୀମତୀ ଶତାବ୍ଦୀ ଦାସ କାର୍ୟ୍ୟକ୍ରମରେ ଯୋଗ ଦେଇଥିଲେ। ଏସଜେଏସ ୟୁକେ ସହ ହାତ ମିଳାଇ ଏହି ସୋସାଇଟି ରଖିଥିବା ଲକ୍ଷ୍ୟକୁ ପୂରଣ କରିବାରେ ସାହାଯ୍ୟ କରିବାକୁ ଭକ୍ତମାନଙ୍କୁ କହିଥିଲେ ଶ୍ରୀମତୀ ଶତାବ୍ଦୀ ଦାସ।



| Publication | OdishaTazaNews |
|---|---|
| Date | 02.03.2021 |
| Edition | Bhubaneswar |
| Link | https://odishatazanews.com/?p=37234 |
| Headline | ଶ୍ରୀ ଜଗନ୍ନାଥ ସୋସାଇଟି, ଲଣ୍ଡନର ବାର୍ତ୍ତା ପତ୍ର ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍□ାରା ଉନ୍ମୋଚିତ |

ଶ୍ରୀ ଜଗନ୍ନାଥ ସୋସାଇଟି, ଲଣ୍ଡନର ବାର୍ତ୍ତା ପତ୍ର ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍□ାରା ଉନ୍ମୋଚିତ

by **Abhimanyu Maharana** March 2, 2021 in ଓଡ଼ିଶା, ଦେଶ, ମହାନଗର, ହୋମ୍




ଓଡ଼ିଶା ତାଜା ନ୍ୟୁଜ୍ (୨ ମାର୍ଚ୍ଚ ,ମଙ୍ଗଳବାର ) ଲଣ୍ଡନ / ଭୁବନେଶ୍□ର :- ବିଶ୍□ରେ ଶ୍ରୀ ଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନ ବ୍ୟାପକ ଭାବରେ ପ୍ରସାରିତ ହେବାରେ ଲାଗିଛି । ଯୁକ୍ତରାଜ୍ୟ (ଲଣ୍ଡନ) ତଥା ୟୁରୋପ ମହାଦେଶର ସର୍ବପ୍ରଥମ ଶ୍ରୀ ଜଗନ୍ନାଥ ମନ୍ଦିର ଲଣ୍ଡନ ଠାରେ ପ୍ରତିଷ୍ଠା ହେବାକୁଯାଉଛି ଏବଂ ବିଶ୍□ର ଜଗନ୍ନାଥ ଭକ୍ତ ସମାଜର ସହଯୋଗରେ ହିଁ ସମ୍ଭବ ହେବ ବୋଲି ଶ୍ରୀ ଜଗନ୍ନାଥ ସୋସାଇଟି ଲଣ୍ଡନର ବାର୍ତ୍ତା ପତ୍ର ଉନ୍ମୋଚନ କରି

ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି । ଲଣ୍ଡନ ଠାରେ ୩୦ ଏକର ପରିମିତ ସ୍ଥାନରେ ନିର୍ମାଣ ହେବାକୁ ଥିବା ଏହି ଜଗନ୍ନାଥ ମନ୍ଦିର ଲଣ୍ଡନ ତଥା ୟୁରୋପର ଶ୍ରୀ ଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନର ଏକ ପ୍ରାଣ କେନ୍ଦ୍ର ହୋଇପାରିବ ବୋଲି ଡ଼ଃ. ପାତ୍ର କହିଥିଲେ । □େବ ମାଧ୍ୟମରେ ଶ୍ରୀ ଜଗନ୍ନାଥ ସୋସାଇଟି, ଲଣ୍ଡନର ପ୍ରଥମ ବାର୍ତ୍ତା ପତ୍ର ଉନ୍ମୋଚନ ଅବସରରେ ବିଶ୍□ବ୍ୟାପୀ ସମ୍ମିଳିତ ଜଗନ୍ନାଥ ପ୍ରେମୀ ଓ ଲଣ୍ଡନ ଅଧିବାସୀ ମାନଙ୍କୁ ଉଦବୋଧିତ କରି ଡ଼ଃ. ପାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯୁକ୍ତରାଜ୍ୟ ଆୟାରଲାଣ୍ଡ, ପୂର୍ବ ପ୍ରାଚ୍ୟ ତଥା ଭାରତର ଅନେକ ଅଂଶରୁ ଯୋଗ ଦେଇ ଭକ୍ତଗଣଙ୍କ 'ହରିବୋଲ' 'କରତାଳି' ଧ୍ୱନି ସହିତ ଏହି ପ୍ରଥମ ବାର୍ତ୍ତା ପତ୍ର ଉନ୍ମୋଚିତ ହୋଇଥିଲା ।

ଏହି ଅବସରରେ ଡ଼ଃ. ପାତ୍ର ଆହ୍□ାନ ଦେଇ କହିଥିଲେ ଯେ, ବିଶ୍□ବ୍ୟାପୀ ନିଜ ନିଜ କର୍ମ ସଂସ୍ଥାନରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଏକ ପରିବାର, ଏକତା ଓ ସହଯୋଗ ବଳରେ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିପାରିବା । ଶ୍ରୀ ଜଗନ୍ନାଥ ସୋସାଇଟି, ଲଣ୍ଡନର ଅଧ୍ୟକ୍ଷ ଡ଼ା. ସହଦେବ ସ୍□ାଇଁ ଏହି ପ୍ରଥମ ବାର୍ତ୍ତାପତ୍ର ଉନ୍ମୋଚନ ଅବସରରେ ଉନ୍ମୋଚକ ଡ଼ଃ. ପାତ୍ରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିବା ସହିତ ସମ୍ପୃକ୍ତ କର୍ମକର୍ତ୍ତା ମଣ୍ଡଳୀକୁ ଧନ୍ୟବାଦ ଜଣାଇଥିଲେ । ଲଣ୍ଡନରେ ପ୍ରତିଷ୍ଠା ହେବାକୁଥିବା ଏହି ଭବ୍ୟ ମନ୍ଦିର **2** ୟୁରୋପରେ ଆଧ୍ୟାତ୍ମିକ, ସାମାଜିକ ଏବଂ ଶୈକ୍ଷିକ ପ୍ରାଣ କେନ୍ଦ୍ର ଭାବରେ ପରିଚିତ ହେବ ବୋଲି ଡ଼ା. ସ୍□ାଇଁ ପ୍ରକାଶ କରିଥିଲେ । ଓଡ଼ିଶା ସରକାରଙ୍କ ବନ ବିଭାଗ ସହାୟତାରେ ଓଡ଼ିଶାରୁ ଠାବ ହୋଇଥିବା ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସମସ୍ତ ଦିବ୍ୟ-ଆଧ୍ୟାତ୍ମିକ ଲକ୍ଷଣ ଯୁକ୍ତ ନିମଦାରୁ ଗତ ୨୧ ଫେବୃୟାରୀରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ସଂଗ୍ରହ ସଂଗ୍ରହ କରାଯାଇଛି । ବର୍ତ୍ତମାନ ଏହି ଦାରୁବ୍ରହ୍ମ ପଦ୍ମଶ୍ରୀ ରଘୁନାଥ ମହାପାତ୍ରଙ୍କ ମାର୍ଗଦର୍ଶନରେ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣ ହେଉଛନ୍ତି । ଏହି ଭବ୍ୟ ମନ୍ଦିରର ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଡ଼ା. ସ୍□ାଇଁ ସୂଚନା ଦେଇଛନ୍ତି । ୪ ମିଲିଅନ୍ ପାଉଣ୍ଡ ବ୍ୟୟ ଅଟକଳରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ଡ଼ା. ସ୍□ାଇଁ କହିଥିଲେ ଯେ, ଉତ୍ସର୍ଗୀକୃତ ଓ ସେବା ମୂଳକ ଉଦ୍ୟମ ଏବଂ ଈଶ୍□ର ବିଶ୍□ାସ ଆଧାରିତ କାର୍ଯ୍ୟ ପାଇଁ କୌଣସି ଲକ୍ଷ୍ୟ ଅପହଞ୍ଚ ନୁହେଁ ।



ସମ୍ପାଦକ ଡ଼ ପ୍ରକାଶ ଦେ ଏହି ଉଦ୍ୟମର ଅ୍ୟମାରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘଯାତ୍ରାର ଏକ ସମ୍ପୂର୍ଣ୍ଣ ବିବରଣୀ ଅଗ୍ରଗତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଲଣ୍ଡନର ଉପକଣ୍ଠ ୩୦ ଏକର ଜମି ଚିହ୍ନଟ ଅଧିଗ୍ରହଣ କାର୍ଯ୍ୟ ସମ୍ପାଦନ ହୋଇଛି । ଏହି ମନ୍ଦିର ପୁରୀ କ୍ଷୀମନ୍ଦିର ଅବିକଳ ଢାଞ୍ଚା ଓ ଶୈଳୀରେ ନିର୍ମାଣ ହେବାକୁ ଲକ୍ଷ୍ୟ କରାଯାଇଛି ବୋଲି ଡ଼. ଦେ କହିଥିଲେ । ଶ୍ରୀ ଜଗନ୍ନାଥ ସମାଜ, ଲଣ୍ଡନର ଟ୍ରଷ୍ଟି  ଯୋଗା ଯୋଗ ମୁଖ୍ୟ ତଥା ବାର୍ତ୍ତାପତ୍ରର ସମ୍ପାଦକ ଡ଼ ଚେତନ ଶତପଥୀ ଶ୍ରୀ ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଭାବରେ ଏହି ପତ୍ର ମୁଦ୍ରଣ ମାଧ୍ୟମ ସମେତ □େବସାଇଟ୍ ଓ ଅନ୍ୟାନ୍ୟ ସାମାଜିକ ଗଣ ମାଧ୍ୟମରେ ସମଗ୍ର ବିଶ୍□ର ଜଗନ୍ନାଥ ପ୍ରେମୀଙ୍କ ପାଇଁ ଉପଲବ୍ଧ ହେବ ବୋଲି କହିଥିଲେ  । ସହ ସମ୍ପାଦକ ଉମାକାନ୍ତ ରାଉତ, ପରିଚାଳନା ସମ୍ପାଦିକା ରୀନା ମେହେର ଆଗାମୀ ପିଢ଼ି ଭକ୍ତଙ୍କ ପାଇଁ ଏହି ମନ୍ଦିର ଓ ବାର୍ତ୍ତାପତ୍ର ସନ୍ଦେଶବାହକ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ ।

ଅନ୍ୟତମ ଟ୍ରଷ୍ଟି ରଶ୍ମିକାନ୍ତ ନନ୍ଦ, ଭକ୍ତ ପଣ୍ଡା, ସୁକାନ୍ତ ସାହୁ, ଯୁବ ଉଦ୍ୟୋଗୀ ଡ଼. ମଳୟ ନାୟକ, ଡ଼. ଅଦ୍□ୈତ ସିଂହ, ଶରଦ ଝା, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଏହି ମନ୍ଦିର ଓ ବାର୍ତ୍ତାପତ୍ର ସମ୍ପର୍କରେ ନିଜ ନିଜ ମତ ପ୍ରକାଶ କରିଥିଲେ ।  ଶତାବ୍ଦୀ ଦାଶ ଲଣ୍ଡନରେ ଅବସ୍ଥାପିତା ମହିଳା ମାନଙ୍କ ଦ୍□ାରା ସ୍□ୟଂ ଚାଳିତ ଶ୍ରୀ ସୁଭଦ୍ରା ସୋସାଇଟି ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ କଣ୍ଠଶିଳ୍ପୀ ତପୁ ମିଶ୍ର,  ମୌସୁମୀ ମିଶ୍ର, ସୁଚିନ୍ତିତା ପାଣିଗ୍ରାହୀ ସୁମଧୁର ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ  । କାର୍ଯ୍ୟକ୍ରମକୁ ଅର୍ଚ୍ଚନା

ପ୍ରଧାନ ମାନସିଂହ ସୁଚାରୁ ପରିଚାଳନା କରିଥିବା ବେଳେ ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ଜଗନ୍ନାଥ ସୋସାଇଟି, ୟୁନାଇଟେଡ୍ କିଙ୍ଗଡମ୍ ଇଂଲଣ୍ଡ ଚ୍ୟାରିଟି କମିଶନଙ୍କ ଦ୍□ାରା ଦାତବ୍ୟ ସଙ୍ଗଠନ ଭାବରେ ପଞ୍ଜୀକୃତ ଅଟେ ।  ଏହି ଅନୁଷ୍ଠାନକୁ ପ୍ରଦତ୍ତ ସମସ୍ତ ଦାନ, ଅନୁଦାନ କରମୁକ୍ତ ଅଟେ । ଅଧିକ ସୂଚନା ପାଇଁ **www.jagannathtemple.org** ରେ ସମ୍ପର୍କ କରାଯାଇପାରିବ ।

| Publication | Tatkalodisha |
|---|---|
| Date | 03.03.2021 |
| Link | Tatkalodisha.in |
| Headline | ଶ୍ରୀମନ୍ଦିର ଢାଞ୍ଚାରେ ଲଣ୍ଡନରେ ଶ୍ରୀଜଗନ୍ନାଥ ମନ୍ଦିର |

By **Sangita** Last updated **Mar 3, 2021**

- ୩୦ ଏକର ଜମିରେ ନିର୍ମିତ ହେବ
- ୨୦୨୪ ସୁଦ୍ଧା ପ୍ରଥମ ପର୍ୟ୍ୟାୟ କାର୍ୟ୍ୟ ସମ୍ପୂର୍ଣ୍ଣ
- ୪ ମିଲିଅନ୍ ପାଉଣ୍ଡ ବ୍ୟୟ ଅଟକଳ
- ବାର୍ତ୍ତାପତ୍ରକୁ ଓଡ଼ିଶା ବାଚସ୍ପତିଙ୍କ କଲେ ଉନ୍ମୋଚନ

ଲଣ୍ଡନ /ଭୁବନେଶ୍□ର //**TATKAL ODISHA** ବ୍ୟୁରୋ //

ପୁରୀ ଶ୍ରୀମନ୍ଦିରର ଢାଞ୍ଚାରେ ନିର୍ମାଣ ହେବ ଲଣ୍ଡନରେ ଶ୍ରୀଜଗନ୍ନାଥ ମନ୍ଦିର । ସେଠାରେ ୩୦ ଏକର ପରିମିତ ଜମି ଚିହ୍ନଟ ହୋଇଛି । ପ୍ରଥମ ଭୂମି ପୂଜନ ବି ସରିଛି । ଏହି ଭବ୍ୟ ମନ୍ଦିରର ପ୍ରଥମ ପର୍ୟ୍ୟାୟ କାର୍ୟ୍ୟ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ୪ ମିଲିଅନ୍ ପାଉଣ୍ଡ ବ୍ୟୟ ଅଟକଳ କରାଯାଇଛି । ମନ୍ଦିରଟି ଲଣ୍ଡନ ତଥା ୟୁରୋପର ଶ୍ରୀଜଗନ୍ନାଥ ସଂସ୍କୃତି, ଚେତନା ଓ ଦର୍ଶନର ଏକ ପ୍ରାଣ କେନ୍ଦ୍ର ପାଲଟିବ । ଓଡ଼ିଶା ସରକାରଙ୍କ ବନ ବିଭାଗ ସହାୟତାରେ ଓଡ଼ିଶାରୁ ଚିହ୍ନିତ ମହାପ୍ରଭୁ ଶ୍ରୀଜଗନ୍ନାଥ,ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କ ସମସ୍ତ ଦିବ୍ୟ ଆଧ୍ୟାତ୍ମିକ ଲକ୍ଷଣଯୁକ୍ତ "ନିମଦାରୁ" ସମସ୍ତ ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ ପୁରୀ ଦଇତାପତିଙ୍କ ମାର୍ଗଦର୍ଶନ ଅନୁପାଳନ ପୂର୍ବକ ସେଇ ମନ୍ଦିର ପାଇଁ ସଂଗ୍ରହ ହୋଇଯାଇଛି।

ଏହି ଅବସରରେ 'ଶ୍ରୀଜଗନ୍ନାଥ ଶୋସାଇଟି ଲଣ୍ଡନ'ର ବାର୍ତ୍ତାପତ୍ରକୁ ଉନ୍ମୋଚନ କରିଥିଲେ ଓଡ଼ିଶାର ବାଚସ୍ପତି ଡ଼ଃ. ସୂର୍ୟ୍ୟନାରାୟଣ ପାତ୍ର ।

ମଙ୍ଗଳବାର □େବ୍ ମାଧ୍ୟମରେ ଲଣ୍ଡନର ଶ୍ରୀଜଗନ୍ନାଥ ସୋସାଇଟିର ଏହି ପ୍ରଥମ ବାର୍ତ୍ତାପତ୍ର ଉନ୍ମୋଚନ ଅବସରରେ ଡ଼ଃ. ପାତ୍ର କହିଥିଲେ, ବିଶ୍□ବ୍ୟାପୀ ନିଜ ନିଜ କର୍ମ ସଂସ୍ଥାନରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଏକ ପରିବାର, ଏକତା ଓ ସହଯୋଗ ବଳରେ ଓଡ଼ିଶାର ବିକାଶ ପାଇଁ କାର୍ୟ୍ୟ କରିପାରିବା ଦରକାର । ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ।

ଯୁକ୍ତରାଜ୍ୟ ଆୟାରଲାଣ୍ଡ, ପୂର୍ବ ପ୍ରାଚ୍ୟ ତଥା ଭାରତର ଅନେକ ଅଂଶରୁ ଯୋଗ ଦେଇ ଭକ୍ତଗଣଙ୍କ 'ହରିବୋଲ ଓ କରତାଳି' ଧ୍ୱନି ସହିତ ଏହି ପ୍ରଥମ ବାର୍ତ୍ତାପତ୍ର ଉନ୍ମୋଚିତ ହୋଇଥିଲା । ସୋସାଇଟିର ଅଧ୍ୟକ୍ଷ ଡାକ୍ତର ସହଦେ□ ସ୍ୱାଇଁ ଏବଂ

ସମ୍ପାଦକ ଡ଼ ପ୍ରକାଶ ଦେ ଏହି ଉଦ୍ୟମର ଅୟମାରମ୍ଭ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘଯାତ୍ରାର ଏକ ସମ୍ପୂର୍ଣ୍ଣ ବିବରଣୀ ଅଗ୍ରଗତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ।  ଲଣ୍ଡନର ଉପକଣ୍ଠ ୩୦ ଏକର ଜମି ଚିହ୍ନଟ ଅଧିଗ୍ରହଣ କାର୍ଯ୍ୟ ସମ୍ପାଦନ ହୋଇଛି । ଏହି ମନ୍ଦିର ପୁରୀ ଶ୍ରୀମନ୍ଦିର  ଅବିକଳ ଢାଞ୍ଚା ଓ ଶୈଳୀରେ ନିର୍ମାଣ ହେବାକୁ ଲକ୍ଷ୍ୟ କରାଯାଇଛି ବୋଲି ଡ଼. ଦେ କହିଥିଲେ ।




ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ଲଣ୍ଡନ ମନ୍ଦିର

ଶ୍ରୀଜଗନ୍ନାଥ ସମାଜ, ଲଣ୍ଡନର ଟ୍ରଷ୍ଟି ଯୋଗାଯୋଗ ମୁଖ୍ୟ ତଥା ବାର୍ତ୍ତାପତ୍ରର ସମ୍ପାଦକ ଡ଼ ଚେତନ ଶତପଥୀ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଭାବରେ ଏହି ପତ୍ର ମୁଦ୍ରଣ ମାଧ୍ୟମ ସମେତ □େବସାଇଟ୍ ଓ ଅନ୍ୟାନ୍ୟ ସାମାଜିକ ଗଣ ମାଧ୍ୟମରେ ସମଗ୍ର ବିଶ୍□ର ଜଗନ୍ନାଥ ପ୍ରେମୀଙ୍କ ପାଇଁ ଉପଲବ୍ଧ ହେବ ବୋଲି କହିଥିଲେ । ସହ ସମ୍ପାଦକ ଉମାକାନ୍ତ ରାଉତ, ପରିଚାଳନା ସମ୍ପାଦିକା ରୀନା ମେହେର ଆଗାମୀ ପୀଢ଼ି ଭକ୍ତଙ୍କ ପାଇଁ ଏହି ମନ୍ଦିର ଓ ବାର୍ତ୍ତାପତ୍ର ସନ୍ଦେଶବାହକ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ ।




ଅନ୍ୟତମ ଟ୍ରଷ୍ଟି ରଶ୍ମିକାନ୍ତ ନନ୍ଦ, ଭକ୍ତ ପଣ୍ଡା, ସୁକାନ୍ତ ସାହୁ, ଯୁବ ଉଦ୍ୟୋଗୀ ଡ. ମଳୟ ନାୟକ, ଡ. ଅଦ୍□ୈତ ସିଂହ, ଶରଦ ଝା, ସୁଶାନ୍ତ ପଟନାୟକ ପ୍ରମୁଖ ଏହି ମନ୍ଦିର ଓ ବାର୍ତ୍ତାପତ୍ର ସମ୍ପର୍କରେ ନିଜ ନିଜ ମତ ପ୍ରକାଶ କରିଥିଲେ । ଶତାବ୍ଦୀ ଦାଶ ଲଣ୍ଡନରେ ଅବସ୍ଥାପିତା ମହିଳା ମାନଙ୍କ ଦ୍□ାରା ପରିଚାଳିତ ସ୍□ୟଂ ଶାସିତ ଅନୁଷ୍ଠାନ ଶ୍ରୀ ସୁଭଦ୍ରା ସୋସାଇଟି ସମ୍ପର୍କରେ ସୂଚନା ଦେଇଥିଲେ ।

କାର୍ଯ୍ୟକ୍ରମକୁ ଅର୍ଚ୍ଚନା ପ୍ରଧାନ ମାନସିଂହ ସୁଚାରୁ ପରିଚାଳନା କରିଥିବାବେଳେ ବିଜୟ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ କଣ୍ଠଶିଳ୍ପୀ ତପୁ  ମିଶ୍ର, ଲଣ୍ଡନ ବାସିନ୍ଦା ମୌସୁମୀ ମିଶ୍ର, ସୁଚିନ୍ତିତା ପାଣିଗ୍ରାହୀ ସୁମଧୁର ଶ୍ରୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ ।